# Akashvani, Sambalpur

## SAMBALPURI NEWS BULLETIN

### 8 August 2025 - 6.47- 6.52 am.

*********************************************

ସ୍ୱାସ୍ଥ୍ୟମନ୍ତ୍ରୀ ସମୀକ୍ଷା I&PR

ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ ଗଲାକାଏଲ୍ ଲୋକ୍‌ସେବା ଭବନ୍ ଠାନେ ରାଏଜେ ଡେଙ୍ଗୁ ଆଉ ମେଲେରିଆ ମୁକାବିଲା ଦିଗେ ନିଆଯାଉଥିବା ପଦକ୍ଷେପ୍ ବାବ୍‌ଦେ ସମୀକ୍ଷା କରିଛନ୍ । ସର୍‌କାର୍ ଡେଙ୍ଗୁ ମେଲେରିଆ ବାଗିର୍ ମଶାବାହିତ ରୋଗ୍ ଦୂର୍ କର୍‌ବାର୍ ଲାଗି ସବୁ ପ୍ରକାର୍ ପଦକ୍ଷେପ୍ ନେବେ ଆଉ ଇଥିର୍‌ଲାଗି ସବୁ ଅଧିକାରୀ ମିଶିକରି ଚେରେଷ୍ଟା କର୍‌ବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର୍ ମହାଲିଙ୍ଗ୍ ନିର୍ଦ୍ଦେଶ୍ ଦେଇଛନ୍ । ଇ ରୋଗ୍ ନୁ ରକ୍ଷା ପାଏବାର୍ ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ ଦିଆଯାଉଥିବା ମଶାରୀ, କୀଟନାଶକ୍ ସ୍ପ୍ରେ ବ୍ୟବସ୍ଥା ବାବ୍‌ଦେ ମନ୍ତ୍ରୀ ବୁଝିଥିଲେ । ଡେଙ୍ଗୁ ଆଉ ମେଲେରିଆ ଜହ ହେଉଥିବା ଇଲାକାମାନ୍‌କର୍ ଉପ୍‌ରେ ଅଏତ୍‌କା ଧ୍ୟାନ୍ ଦେବାର୍‌କେ ସ୍ୱାସ୍ଥ୍ୟମନ୍ତ୍ରୀ ନିର୍ଦ୍ଦେଶ୍ ଦେଇଛନ୍ । ଆଏବା କିଛି ଦିନ୍ ଉତ୍‌ରୁ କେନ୍ଦ୍ର ସର୍‌କାର୍ ୧ କୋଟି ୫୭ ଲାଖ୍ ମଶାରୀ ଯୁଗେଇ ଦେବେ । ଇତାକେ ଲୁକ୍‌କର୍ ପାଖିକେ ଠିକ୍ ଭାବେ ପୁହୁଁଚାବାର୍ ଲାଗି ସ୍ୱାସ୍ଥ୍ୟମନ୍ତ୍ରୀ

ନିର୍ଦ୍ଦେଶ୍ ଦେଇଛନ୍ । ବୈଠକ୍‌ଥି ଭିନ୍ ଭିନ୍ ଜିଲ୍ଲାର୍ ଜିଲ୍ଲାପାଲ୍, କମିଶନର୍ ଆଉ ସିଡ଼ିଏମ୍‌ଓମାନେ ଆଭାସୀ ଜରିଏ ଯୋଗ୍ ଦେଇଥିଲେ ।

ମୁଖ୍ୟମନ୍ତ୍ରୀ- ପୁରୀ                    ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଗଲାକାଏଲ୍ ପୁରୀ ଶ୍ରୀମନ୍ଦିର୍‌କେ ଯାଇକରି ମାହାପୁରୁଙ୍କର୍ ଦର୍ଶନ୍ କରିଛନ୍ । ଶ୍ରୀମନ୍ଦିର୍ ସିଂହଦୁଆର ଠାନେ ପୁହୁଁଚିଲା ଉତ୍‌ରୁ ମୁଖ୍ୟମନ୍ତ୍ରୀଙ୍କୁ ଶ୍ରୀମନ୍ଦିର୍ ଆଉ ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସ୍ୱାଗତ୍ କରାଯାଇଥିଲା । ମାହାପୁରୁମାନ୍‌କୁ ଦର୍ଶନ୍ କରିକରି ରାଜ୍ୟର୍ ମଙ୍ଗଲ୍ କାମନା କରିକରି ପ୍ରାର୍ଥନା କରିଥିବାର୍ ମୁଖ୍ୟମନ୍ତ୍ରୀ କହିଛନ୍ ।

ଉପମୁଖ୍ୟମନ୍ତ୍ରୀ-୫ ଜିଲ୍ଲା ଗସ୍ତ                    I&PR

ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍‌ଠାନୁ ୫ ଟା ଜିଲ୍ଲା ଗସ୍ତଥି ଯିବେ । କଲାହାଣ୍ଡି, ବଲାଙ୍ଗିର୍, ସୁବର୍ଣ୍ଣପୁର୍, କୋରାପୁଟ୍, ନବରଙ୍ଗ୍‌ପୁର୍ ଜିଲ୍ଲାକେ ଯାଇକରି ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ବିକାଶ୍‌ମୂଲକ୍ କାର୍ଯ୍ୟକ୍ରମ୍ ଆଉ ସୁଭଦ୍ରା ଯୋଜ୍‌ନାର୍ ସମୀକ୍ଷା କର୍‌ବେ ।

ଇତାର୍‌ସହେତେ ଜିଲ୍ଲାମାନ୍‌କେ ମହିଳା ଆଉ ଶିଶୁବିକାଶ୍, ମିଶନ୍ ଶକ୍ତି ଆଉ ପର୍ଯ୍ୟଟନ୍ ବିଭାଗ୍‌ର କାର୍ଯ୍ୟକ୍ରମ୍‌ମାନ୍‌କର୍ ଭିଲ୍ ସମୀକ୍ଷା କର୍‌ବେ । ଆଏବା କାଏଲ୍ ରାକ୍ଷୀପୁନି ଦିନ କୋରାପୁଟ୍ ଠାନେ ସୁଭଦ୍ରା ଯୋଜ୍‌ନାର୍ ୩ ନମ୍ବର୍ କିସ୍ତି ସାହାଜ୍ ବଂଟନ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବେ ।

ଆଇଆଇଏମ୍ ସମ୍ବଲ୍‌ପୁର I&PR

ରାଜ୍ୟର୍ ଜୈବ ଅର୍ଥନୀତିକେ ବର୍‌କସ୍ କର୍‌ବାର୍ ଲାଗି ବିଜ୍ଞାନ୍ ଆଉ ପ୍ରଯୁକ୍ତି ବିଦ୍ୟା ବିଭାଗ୍ ଆଉ ଆଇଆଇଏମ୍ ସମ୍ବଲ୍‌ପୁର୍ ଭିତ୍‌ରେ ଗଲାକାଏଲ୍ ଗୁଟେ ରାଜିନାମା ସ୍ୱାକ୍ଷରିତ୍ ହେଇଛେ । ବୁଝାମଣାପତ୍ର ଅନ୍‌ସାରେ ରାଏଜେ ଜୈବ ଅର୍ଥନୀତିର୍ ସମ୍ଭାବନା ଥିବାର୍ ଜାଗା ମାନ୍‌କର୍ ବିକାଶ୍ କର୍‌ବାର୍ ଦିଗେ ଆଇଆଇଏମ୍ ସମ୍ବଲ୍‌ପୁର୍ ଗବେଷଣା କରିକରି ରାଜ୍ୟ ସର୍‌କାର୍‌ଙ୍କୁ ପରାମର୍ଶ ଦେବା । ଜୈବ ଅର୍ଥନୀତି ରିପୋର୍ଟ ବିକଶିତ୍ କର୍‌ବାର୍, ଇ କ୍ଷେତ୍ର୍‌ଥି ଥିବାର୍ ଆହ୍ୱାନ୍ ଆଉ ବିକାଶ୍‌ର ସୁଯୋଗ୍ ମୂଲ୍ୟାୟନ୍ କରିକରି ତଥ୍ୟ ଭିତିକ୍ ରିପୋର୍ଟ ତିଆର୍ କରାଯିବା । ଇ ରିପୋର୍ଟ ଭବିଷ୍ୟତ୍‌ର ଜୈବ ଉଦ୍ୟୋଗ୍ ଆଉ ଜୈବ ଅର୍ଥନୀତି ଅଭିବୃଦ୍ଧି ଦିଗେ ସହାୟକ ହେବା ବଲି ଆଶା କରାଯାଉଛେ ।

ପୁଲିସ୍ ଡ୍ରାଇଭର୍‌ମାନ୍‌କର୍ ନିଯୁକ୍ତି ଆର୍‌ଏନ୍‌ୟୁ/ ସମ୍ବଲପୁର

ପୁଲିସ୍ ଡ୍ରାଇଭର୍‌ମାନ୍‌କର୍ ନିଯୁକ୍ତି ଲାଗି ରାଜ୍ୟ ସର୍‌କାର୍ ସର୍ବୋଚ୍ଚ ବୟସ ସୀମା ୪ ବଛର୍ ବଢ଼େଇଛନ୍ । ଇ ବୟସ୍ ସୀମା ୨୩ ବଛର୍ ବଦ୍‌ଲା ୨୭ ବଛର୍ କରାଯାଇଛେ ବଲି ରାଜ୍ୟ ସର୍‌କାର୍ ଗଲାକାଏଲ୍ ହାଇକୋର୍ଟ ନୁ ଜବାବ୍ ଦାଖଲ୍ କରିଛନ୍ । ରାଜ୍ୟ ସର୍‌କାର୍‌ଙ୍କର୍ ଇ ନିଷ୍ପତି ଲାଗି ହାଇକୋର୍ଟ ନ ମାମ୍‌ଲା ଦାୟର୍ କରିଥିବା ୧ ହଜାର୍ ୨ ଶହ ୪୫ ଝନ୍ ପ୍ରାର୍ଥୀ ଉପକୃତ ହେଇପାର୍‌ବେ । ରାଜ୍ୟ ସର୍‌କାର୍‌ଙ୍କର୍ ଜବାବ୍ ରଖ୍‌ବାର୍ ଉତ୍‌ରୁ ହାଇକୋର୍ଟ ନ ମାମ୍‌ଲାର୍ ଶୁଣାଣି ଶେଷ୍ ହେଇଛେ ।

ଯୁକ୍ତ ଦୁଇ ସ୍ୱଚ୍ ନାଁଲେଖା                    ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁକ୍ତ ଦୁଇ ସ୍ୱଚ୍ ନାଁଲେଖା ଲାଗି ଗଲାକାଏଲ୍ ମେଧା ତାଲିକା ବାହାରିଛେ । ଇ ଖେପେ ୪୩ ହଜାର୍ ୪ ଶହ ୧୧ ଝନ୍ ଆବେଦନ୍‌କାରୀ ଛାତ୍ରଛାତ୍ରୀଙ୍କର୍ ଭିତ୍‌ରୁ ନାଁଲେଖାବାର୍ ଲାଗି ୨୫ ହଜାର୍ ୪ ଶହ ୩୪ ଝନ୍‌କୁ ବଛାଯାଇଛେ । ଇ ଛାତ୍ରଛାତ୍ରୀମାନେ ଆଏଜ୍‌ଠାନୁ ୧୬ ତାରିଖ୍ ଭିତ୍‌ରେ ନାଁ ଲେଖେଇପାର୍‌ବେ ।

ପୋସ୍ ଆଇନ-ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ        କଲାହାଣ୍ଡି ସମ୍ବାଦଦାତା

କାର୍ଯ୍ୟସ୍ଥଲ୍ ନ ମହିଳାମାନ୍‌କର୍ ସୁରକ୍ଷା ସୁନିଶ୍ଚିତ୍ କର୍‌ବାର୍ ଲକ୍ଷ୍ୟଥି ପୋସ୍ ଆଇନ୍ -୨୦୧୩ କେ ନେଇକରି ଗଲାକାଏଲ୍ କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ଠାନେ ଜିଲ୍ଲାସ୍ତରୀୟ ପ୍ରଶିକ୍ଷଣ୍ କାର୍ଯ୍ୟକ୍ରମ୍ ହେଇଯାଇଛେ । ଅତିରିକ୍ତ ଜିଲ୍ଲାପାଲ୍  ବୈତୁରା ଦୀପ୍ ଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜିଲ୍ଲା ଶିଶୁ ବିକାଶ୍ ବିଭାଗ୍, ଜିଲ୍ଲା ପ୍ରଶାସନ୍, ସାମାଜିକ୍ ସଂଗଠନ୍ କର୍ତବ୍ୟର ଅଧିକାରୀ ଆଉ କର୍ମଚାରୀମାନେ ଯୋଗ୍‌ଦେଇକରି ମହିଳାଙ୍କର୍ ସୁରକ୍ଷା ଦିଗେ ଆଲୋଚନା କରିଥିଲେ । ଇ ଅବ୍‌ସରେ ଅଧିକାରୀମାନ୍‌କୁ ତାଲିମ୍ ଦିଆଯାଇଥିଲା ।

ଜୁନିଅର୍ ଜାତୀୟ ଆକ୍ୱାଟିକ୍ ଚାମ୍ପିଅନ୍‌ସିପ/ଆର୍‌ଏନ୍‌ୟୁ/ ସମ୍ବଲପୁର

ଅହମଦାବାଦ୍ ନ ଚାଲିଥିବା ୫୧ ନମ୍ବର୍ ଜୁନିଅର୍ ଜାତୀୟ ଆକ୍ୱାଟିକ୍ ଚାମ୍ପିଅନ୍‌ସିପ୍‌ର ଶେଷ୍ ଦିନେ ଗଲାକାଏଲ୍ ଓଡ଼ିଶାର୍ ସାଇ ସ୍ୱରୂପ୍ ସ୍ୱାଇଁ ଶହେ ମିଟର୍ ବ୍ରେଷ୍ଟ୍‌ଷ୍ଟ୍ରୋକ୍ ବର୍ଗଥି ସ୍ୱର୍ଣ୍ଣପଦକ୍ ଜିତିଛନ୍ । ପ୍ରତିଯୋଗିତାଥି ସାଇସ୍ୱରୂପ୍ ମୋଟ୍ ୨ ଟା ସ୍ୱର୍ଣ୍ଣ ଆଉ ଗୁଟେ କାଂସ୍ୟ ପଦକ୍ ଜିତିଛନ୍ । ପହେଲା ଓଡ଼ିଆ ଭାବେ କେନ୍‌ସି ଜାତୀୟ ପ୍ରତିଯୋଗିତାଥି ୨ ଟା ସ୍ୱର୍ଣ୍ଣ ଜିତିକରି ସାଇ ସ୍ୱରୂପ୍ ଇତିହାସ୍ ରଚିଛନ୍ ।

ମେଟିକ୍ ଟପ୍ପର୍ ସମ୍ବର୍ଦ୍ଧିତ୍        ସମ୍ବଲପୁର ସମ୍ବାଦଦାତା

ସମ୍ବଲ୍‌ପୁର୍ ଜିଲ୍ଲାପ୍ରଶାସନ୍ ତର୍‌ଫୁ ଚନ୍ଦ୍ରଶେଖର୍ ବେହେରା ଜିଲ୍ଲାସ୍କୁଲ୍ ଠାନେ ମେଟ୍ରିକ୍ ଏ-ୱ୍ୱାନ୍ ଟପ୍ପର୍ ଛାତ୍ରଛାତ୍ରୀମାନ୍‌କୁ ସମ୍ବର୍ଦ୍ଧନା ଦିଆଯାଇଛେ । ସମ୍ବଲ୍‌ପୁର୍ ଜିଲ୍ଲାପାଲ୍ ସିଦ୍ଧେଶ୍ୱର୍ ବଳିରାମ୍ ବୋନ୍ଦର୍ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି କୃତୀ ଛାତ୍ରଛାତ୍ରୀମାନ୍‌କୁ ସମ୍ବର୍ଦ୍ଧିତ୍ କର୍‌ବାର୍ ସହେତେ ସେମାନ୍‌କର୍ ମା'ବାପା ଆର୍ ଶିକ୍ଷକ୍‌ମାନ୍‌କର୍ ପରିଶ୍ରମ୍‌ର ପ୍ରଶଂସା କରିଛନ୍ ।

ପାଣିପାଗ        ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟର୍ ପ୍ରଭାବ୍‌ଥି ଆଏବା ୧୧ ତାରିଖ୍‌ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପାଖାପାଖି ସବୁ ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ବର୍ଷା ହେଇପାରେ ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ କରାଯାଇଛେ ।

ସେଆଡ଼େ ଆଏବା ୨୦ ତାରିଖ୍ ବେଲ୍‌କେ ବଙ୍ଗୋପ୍‌ସାଗର୍ ନ ଫେର୍‌ଗୁଟେ ଘୂର୍ଣ୍ଣିବଳୟ କି ଲଘୁଚାପ୍ କ୍ଷେତ୍ର ବନ୍‌ବାର୍ ସମ୍ଭାବନା

ରହିଛେ । ଇତାର୍ ପ୍ରଭାବ୍‌ଥି ରାଏଜେ ବର୍ଷା ବଢ଼ିପାରେ ବଲି ପାଣିପାଗ୍ କେନ୍ଦ୍ରର୍ ନିର୍ଦ୍ଦେଶିକା ମନୋରମା ମହାନ୍ତି ସୂଚ୍‌ନା ଦେଇଛନ୍ ।